**2025-26**

| | |
|---|---|
| 26 | ବର୍ଷାଦିନିଆ ପନିପରିବା ଫସଲରେ ଫଳମାଛିକୁ ନିୟନ୍ତ୍ରଣ କରିବା ପାଇଁ ଏକରକୁ ୧୦ଟି ଲେଖାଏଁ ଫଳମାଛି ଯନ୍ତା ବସାନ୍ତୁ। ଏହା ସହିତ ୧୦୦ ଗ୍ରାମ ଗୁଡ଼, ୨ ଗ୍ରାମ କାରଟାପ ହାଇଡ୍ରୋକ୍ଲୋରାଇଡ ୧ ଲିଟର ପାଣିରେ ମିଶାଇ ବିଷ ଦ୍ରବଣ ପ୍ରସ୍ତୁତ କରି ଚାଷ ଜମିରେ ୮-୧୦ ଟି ସ୍ଥାନରେ ବସାନ୍ତୁ। |
| | Total No of Farmer : - 149480 Advisory Date :-8/12/2025 12:29:52 PM |
| 25 | ପରିପୂରକ ଖାଦ୍ୟ ହିସାବରେ ପୋଖରୀରେ ଭାସମାନ ମାଛ ଖାଦ୍ୟ ସମୁଦାୟ ମାଛ ଶରୀର ଓଜନର ୨ ପ୍ରତିଶତ ଅର୍ଥାତ ପ୍ରତି କ୍ୱିଣ୍ଟାଲ ମାଛ ପ୍ରତି ସକାଳେ ଓ ସଂଧ୍ୟାରେ ୧ କି.ଗ୍ରା ହିସାବରେ ପ୍ରୟୋଗ କରନ୍ତୁ। |
| | Total No of Farmer : - 64249 Advisory Date :-8/12/2025 12:27:03 PM |
| 24 | ଧାନ ରୁଆ ସରିବାର ୨-୩ ଦିନ ମଧ୍ୟରେ ଅନାବନା ଘାସ ନିୟନ୍ତ୍ରଣ ପାଇଁ ପ୍ରିଟିଲାକ୍ଲୋର ଏକର ପ୍ରତି ୬୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ। |
| | Sent On: 2025-08-12 (52693) Kisan Sarathi |
| 23 | କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା ଠାରେ ଉନ୍ନତମାନର ପାଳ ଛତୁ ମଞ୍ଜି ସରକାରୀ ମୂଲ୍ୟରେ ଉପଲବ୍ଧ। |
| | Sent On: 2025-07-24 (52460) Kisan Sarathi |
| 22 | ଯଦି ମୂଖ୍ୟ ଜମିରେ ବାଇଗଣ ଚାରା ରୋପଣ କରି ସାରିଛନ୍ତି କୋଡା ଖୋସା ପରେ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ଏବଂ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ବଳକା ୩୦ କିଲୋଗ୍ରାମ ୟୁରିଆକୁ ଶୀର୍ଷ ସାର ରୂପେ ଚାରା ଲଗାଇବାର ୪୫ ଦିନ ପରେ ପ୍ରୟୋଗ କରନ୍ତୁ । |
| | Total No of Farmer : - 149477 Advisory Date :-7/23/2025 12:41:04 PM |
| 21 | ଗୋବର, ୟୁରିଆ ଓ ସୁପର ଫୋସଫେଟ ପୋଖରୀର ଉର୍ବରତା ପାଇଁ ପକାଯାଏ, ଯାହା ଦ୍ବାରା ମାଛ ଗୁଡିକ ୮ ରୁ ୧୦ ମାସ ଭିତରେ ବିକ୍ରି ଯୋଗ୍ୟ ହୋଇଯାନ୍ତି । |
| | Total No of Farmer : - 64249 Advisory Date :-7/23/2025 12:36:38 PM |
| 20 | ଧାନ ଫସଲରେ ଯେଉଁଠି ଚେର ଗଣ୍ଠି ରୋଗ ଓ କାଣ୍ଡ ବିନ୍ଧା ପୋକର ପ୍ରାଦୁର୍ଭାବ ଅଧିକ ଥାଏ, ସେଠାରେ ବୁଣିବାର ୫ ଦିନ ପରେ ପ୍ରତି ବର୍ଗ ମିଟର ତଳିଘେରା ପିଛା Cartap hydrochloride ଦାନାଦାର @ ୨- ୩ ଗ୍ରାମ ବର୍ଷା ଛାଡ଼ିଗଲା ପରେ ପ୍ରୟୋଗ କରନ୍ତୁ। |
| | Total No of Farmer : - 149480 Advisory Date :-7/19/2025 2:41:47 PM |
| 19 | ଭେଣ୍ଡି ଫସଲରେ ଶୁଖିଲା ପାଗ ଦେଖି ପତ୍ରଡିଆଁ ପୋକ / ଜଉ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୨୦୦ ମି.ଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ Azadiractin କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | Total No of Farmer : - 101044 Advisory Date :-7/19/2025 2:38:59 PM |
| 18 | ମାଛମାନଙ୍କୁ ବାଦାମ ପିଡିଆ ଓ କାଣ୍ଡିଆ କୁଣ୍ଡା ସମାନ ଅନୁପାତରେ ମିଶାଇ, ଛାଡିବା ଯାଆଁଳ ଓଜନର ଶତକଡା ୫ ଭାଗ ଖାଇବାକୁ ଦିଆଯାଏ । |
| | Total No of Farmer : - 64249 Advisory Date :-7/19/2025 2:20:44 PM |
| 17 | ଗାଈଗୋରୁମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ । ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ । ଗୋଖାଦ୍ୟକୁ ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ ଯେପରିକି ତାହା ଅଧିକ ବର୍ଷାରେ ନଷ୍ଟ ନହୁଏ । |
| | Total No of Farmer : - 108281 Advisory Date :-7/10/2025 12:14:46 PM |

| | |
|---|---|
| 16 | ପୋଖରୀ ପ୍ରସ୍ତୁତ କରି ହେକ୍ଟର ପ୍ରତି ଭାକୁର, ରୋହି ଓ ମିରିକାଳୀର ବର୍ଷକିଆ ମୁଣ୍ଡା ଯାଆଁଳ ୫୦୦୦ ଗୋଟି ୩:୪:୩ ଅନୁପାତରେ ଛାଡ଼ନ୍ତୁ। |
| | Total No of Farmer : - 64249 Advisory Date :-7/10/2025 12:11:56 PM |
| 15 | ବର୍ତ୍ତମାନ ଅମୃତଭଣ୍ଡା ଲଗେଇବାର ଉତ୍କୃଷ୍ଟ ସମୟ । ହନି ଡିୟୁ, କୁର୍ଗ ହନି ଡିୟୁ, CO-1, CO-2, ପୁଷା ଡେଲିଶିୟଶ, ପୁଷା ମଜେଷ୍ଟିକ, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ । ୨.୫ x ୨.୫ ମି ଦୂରତାରେ ୦.୫ x ୦.୫ x ୦.୫ ମିଟର ଗାତକରି ଗଛ ଲଗାନ୍ତୁ । |
| | Total No of Farmer : - 101046 Advisory Date :-7/10/2025 12:09:22 PM |
| 14 | ଧାନ ତଳିଘେରାରେ ଘାସ ନିୟନ୍ତ୍ରଣ ପାଇଁ ବୁଣିବାର ୩-୫ ଦିନ ଭିତରେ ଶୁଖିଲା ପାଗ ଦେଖି ଏକର ପିଛା ୮୦ ଗ୍ରାମ Pyrazosulfuron-ethyl କିମ୍ବା ଘାସ ୨ ରୁ ୩ ପତ୍ର ହୋଇଥିବା ଅବସ୍ଥାରେ ଏକର ପ୍ରତି Bispyribac sodium ୧୦% SC ୧୨୦ ମିଲି ଘାସମରା ଔଷଧ ୧୬ ଲିଟର କ୍ଷମତା ବିଶିଷ୍ଟ ୮ ଟି ସ୍ପ୍ରେୟର ଟ୍ୟାଙ୍କ ପାଣିରେ ମିଶାଇ ସିଂଚନ କରନ୍ତୁ । |
| | Total No of Farmer : - 149465 Advisory Date :-7/10/2025 12:06:14 PM |
| 13 | ଶୀଘ୍ର ବଢୁଥିବା କାର୍ପ ଜାତୀୟ ମାଛ ଯଥା ରୋହୁ, ଭାକୁର ଓ ମିରିକାଳୀ ୪:୩:୩ ଅନୁପାତରେ ଚାଷ କରିବା ଦ୍ୱାରା ଅଧିକ ଲାଭ ମିଳିଥାଏ । |
| | Sent On: 2025-06-09 16:37:23 (52512) Kisan Sarathi |
| 12 | ଖାଲ ଜମି ପାଇଁ ଧାନ କିସମ: ପ୍ରତୀକ୍ଷା, ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବ-୧, ମୃଣାଳିନି, ହସନ୍ତ, ରାଣୀ ଧାନ, ଏମଟିୟୁ-୧୦୬୪, ଶାରଳା, ଦୂର୍ଗା, ପ୍ରଧାନ ଧାନ |
| | Sent On: 2025-06-09 16:24:17 (52512) Kisan Sarathi |
| 11 | ମଝିଆଳି ଜମି ପାଇଁ ଧାନ କିସମ: ଏମଟିୟୁ-୧୧୫୬, ଏମଟିୟୁ-୧୧୫୩, ଲଲାଟ, ଉନ୍ନତ ଲଲାଟ, ଏମଟିୟୁ-୧୦୧୦, ମନସ୍ୱିନୀ, ଗୀତାଞ୍ଜଳି, ନୂଆ ଆଚାରମତି |
| | Sent On: 2025-06-09 16:20:24 (52512) Kisan Sarathi |
| 10 | ଉଚ୍ଚ ଜମି ପାଇଁ ଧାନ କିସମ: ଖଣ୍ଡଗିରୀ, ସହଭାଗୀ ଧାନ, ମନ୍ଦାକିନୀ, ନବୀନ, GB-୧, ବୀଣା-୧୧, ଏମଟିୟୁ-୧୦୧୦, ସତ୍ୟଭାମା, ସ୍ୱର୍ଣ୍ଣ ଶ୍ରେୟା |
| | Sent On: 2025-06-09 16:17:13 (52512) Kisan Sarathi |
| 9 | ଗ୍ରୀଷ୍ମ ତାପରୁ ରକ୍ଷା କରିବା ପାଇଁ ପନିପରିବା ତଳିଘେରାକୁ ନଡା କିମ୍ବା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ। |
| | Sent On: 2025-06-04 11:46:40 (52512) Kisan Sarathi |
| 8 | କେନ୍ଦ୍ରାପଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଓ ଘଡଘଡି ସହ ପ୍ରବଳ (୭ ରୁ ୧୧ ସେ.ମି.) ବର୍ଷା ହେବାର ସମ୍ଭାବନା ରହିଛି । |
| | Sent On: 2025-05-28 (52460) Kisan Sarathi |
| 7 | କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା ୨୯.୦୫.୨୦୨୫ ଠାରୁ ୧୨.୦୬.୨୦୨୫ ପର୍ଯ୍ୟନ୍ତ ବିକଶିତ କୃଷି ସଂକଳ୍ପ ଅଭିଯାନ ଆୟୋଜନ କରିବାକୁ ଯାଉଛି। |
| | Sent On: 2025-05-27 (52460) Kisan Sarathi |
| 6 | କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା ଠାରେ ଉନ୍ନତମାନର ସିଣ୍ଡା କିସମ ଅମୃତଭଣ୍ଡା ଚାରା ଓ ଡ୍ରାଗନ ଫଳ ଚାରା ସରକାରୀ ମୂଲ୍ୟରେ ଉପଲବ୍ଧ। |
| | Sent On: 2025-05-22 (52460) Kisan Sarathi |

| | |
|---|---|
| 5 | କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା ଠାରେ ଉନ୍ନତମାନର ବନ୍ତଳ କିସମ କଦଳୀ ଚାରା, ମୋହିତନଗର କିସମ ଗୁଆ ଚାରା ସରକାରୀ ମୂଲ୍ୟରେ ଉପଲବ୍ଧ। |
| | Sent On: 2025-05-22 (52460) Kisan Sarathi |
| 4 | ପୋଖରୀ ହୁଡ଼ା ଗୁଡ଼ିକର ଉଚ୍ଚତା ବୃଦ୍ଧି କରନ୍ତୁ, କ୍ଷତିଗ୍ରସ୍ତ ହିଡ଼ ଗୁଡ଼ିକର ମରାମତି କରନ୍ତୁ ଏବଂ ଅତିରିକ୍ତ ଜଳ ନିଷ୍କାସନ ପାଇଁ ନାଳ ରଖନ୍ତୁ |
| | Sent On: 2025-05-17 10:40:46 (52460) Kisan Sarathi |
| 3 | ଅଧିକ ଅମଳ ଓ ଲାଭ ପାଇଁ ମେ ମାସ ଶେଷ ସପ୍ତାହରୁ ଆରମ୍ଭ କରି ମୌସୁମୀ ବର୍ଷା ପର୍ଯ୍ୟନ୍ତ ବିହନ ଓ ସାର ବୁଣା ଯନ୍ତ୍ର ବ୍ୟବହାର କରି ବିହନ ବୁଣନ୍ତୁ |
| | Sent On: 2025-05-17 08:56:38 (52460) Kisan Sarathi |
| 2 | କଖାରୁ ଜାତୀୟ ପନିପରିବାରେ କାଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣିରେ ୩ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ ଆଜାଡିରାକ୍ଟିନକୁ ମିଶାଇ ସିଂଚନ କରନ୍ତୁ । |
| | Sent On: 2025-04-08 11:46:14 (38952) Kisan Sarathi |
| 1 | ପାଣିର ତାପମାତ୍ରାରେ ବୃଦ୍ଧି ହେତୁ ପାଣିରେ ଅକ୍ସିଜେନର ମାତ୍ରା କମିଯାଏ। ତେଣୁ ମାଛ ଦାନାର ପରିମାଣ ୧୦ ରୁ ୨୦ ପ୍ରତିଶତ କମ କରିଦିଅନ୍ତୁ। ପୋଖରୀ ଭିତରକୁ ଥଣ୍ଡା ପାଣି ପ୍ରବେଶ ପାଇଁ ବ୍ୟବସ୍ଥା କରନ୍ତୁ ଯେପରିକି ପାଣିର ତାପମାତ୍ରା ୧୩ ରୁ ୧୮ ଡିଗ୍ରୀ ସେଲସିଅସ ବଜାୟ ରହିବ। |
| | Sent On: 2025-04-08 11:46:14 (38952) Kisan Sarathi |